# NATIONAL NEWS BULLETIN (ODIA)

## 07th April - 2024

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ଦେଶରେ ପରିଣତ କରିବା ଯାତ୍ରାରେ ସାମିଲ୍ ହେବା ଲାଗି ଉପରାଷ୍ଟ୍ରପତି ଜଗଦୀପ ଧନଖଡ୍ ଯୁବ ପେସାଦାରମାନଙ୍କୁ ଆହ୍ୱାନ ଦେଇଛନ୍ତି ।
- ସେନାର ତିନିବାହିନୀ ପକ୍ଷରୁ ଆସନ୍ତାକାଲି ନୂଆଦିଲ୍ଲୀରେ ପରିବର୍ତ୍ତନ ଚିନ୍ତନ ଅନୁଷ୍ଠିତ ହେବ ।
- ଆଗାମୀ ସାଧାରଣ ନିର୍ବାଚନରେ ଯୁବବର୍ଗ ଏବଂ ସହରାଞ୍ଚଳ ମତଦାତାଙ୍କୁ ଅଧିକରୁ ଅଧିକ ସାମିଲ୍ କରାଇବା ଉଦ୍ଦେଶ୍ୟରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ କେତେକ ଅଭିନବ ଉପାୟ କାର୍ଯ୍ୟକାରୀ କରାଯାଉଛି ।
- ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ମହାରାଷ୍ଟ୍ର ଗସ୍ତ କରି କେତେକ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିବେ ।

ଏବଂ

- ଆଉ କିଛି ସମୟ ପରେ ଲକ୍ଷ୍ନୌଠାରେ ଆଇ.ପି.ଏଲ୍.ର ଦ୍ୱିତୀୟ ମ୍ୟାଚ୍‌ରେ ଗୁଜୁରାଟ୍ ଟାଇଟନ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ପରସ୍ପରକୁ ଭେଟିବେ ।

## ବିହାର - ଭାଇସ୍ ପ୍ରେସିଡେଣ୍ଟ

୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ଦେଶରେ ପରିଣତ କରିବା ଯାତ୍ରାରେ ସାମିଲ୍ ହେବା ଲାଗି ଉପରାଷ୍ଟ୍ରପତି ଜଗଦୀପ ଧନଖଡ୍ ଯୁବ ପେସାଦାରମାନଙ୍କୁ ଆହ୍ୱାନ ଦେଇଛନ୍ତି । ଆଜି ବିହାରର ବୋଧଗୟାସ୍ଥିତ Indian Institute of Managementର ଷଷ୍ଠ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଧନଖଡ୍ ଦେଶର ଯୁବବର୍ଗ ଏବଂ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତର ମାର୍ଗଦର୍ଶକ ରୂପେ ଅଭିହିତ କରିବା ସହିତ ଭାରତର ଅଭିବୃଦ୍ଧି ଦିଗରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ନିଜର ପ୍ରତିଭାକୁ ବିନିଯୋଗ କରିବା ଲାଗି ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଉପରାଷ୍ଟ୍ରପତି କୃତୀ ଛାତ୍ରଛାତ୍ରୀମାନଙ୍କୁ ଏମ୍.ବି.ଏ. ଡିଗ୍ରୀ ପ୍ରଦାନ କରିଥିଲେ । ଏହି ସମାବର୍ତ୍ତନ ଉତ୍ସବରେ ବିହାର ରାଜ୍ୟପାଳ ରାଜନ୍ଦ୍ରେ ବିଶ୍ୱନାଥ ଆର୍ଲେକର, ଆଇ.ଆଇ.ଏମ୍. ବୋଧଗୟାର ଅଧ୍ୟକ୍ଷଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ଗସ୍ତ ଅବସରରେ ଉପରାଷ୍ଟ୍ରପତି

ସପତ୍ନୀକ ବୋଧଗୟାସ୍ଥିତ ବିଶ୍ୱ ପ୍ରସିଦ୍ଧ ମହାବୋଧି ମନ୍ଦିର ପରିଦର୍ଶନ କରିଥିଲେ ।

## ସି.ଡି.ଏସ୍. - ଟ୍ରାଇ ସର୍ଭିସ୍

ମିଳିତ ପ୍ରୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନୂତନ ଚିନ୍ତାଧାରା, ପଦକ୍ଷେପ ଏବଂ ସଂସ୍କାର ସୃଷ୍ଟି କରିବା ଲକ୍ଷ୍ୟରେ ଆସନ୍ତାକାଲି ନୂଆଦିଲ୍ଲୀରେ ସେନାର ତିନିବାହିନୀ ପକ୍ଷରୁ 'ପରିବର୍ତ୍ତନ ଚିନ୍ତନ' ଅନୁଷ୍ଠିତ ହେବ । ଏହି ଦିନିକିଆ ଆଲୋଚନାରେ ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନିଲ ଚୌହାନ ଅଧ୍ୟକ୍ଷତା କରିବେ। ଏଥିରେ ସେନାର ତିନି ବାହିନୀର ମୁଖ୍ୟଙ୍କ ସମେତ ବହୁ ବରିଷ୍ଠ ସାମରିକ ଅଧିକାରୀ ଯୋଗଦେବେ ।

## ଇ.ସି. - ୟୁନିକ୍ କ୍ୟାମ୍ପେନ୍

ଆଗାମୀ ସାଧାରଣ ନିର୍ବାଚନରେ ଯୁବବର୍ଗ ଏବଂ ସହରାଞ୍ଚଳ ମତଦାତାଙ୍କୁ ଅଧିକରୁ ଅଧିକ ସାମିଲ୍ କରାଇବା ଉଦ୍ଦେଶ୍ୟରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ କେତେକ ଅଭିନବ ଉପାୟ କାର୍ଯ୍ୟକାରୀ କରାଯାଉଛି । ଏହି  ଅବସରରେ ନିର୍ବାଚନ ଆୟୋଗ ସାମାଜିକ ଗଣମାଧ୍ୟମରେ ନିର୍ବାଚନ

ସମ୍ପର୍କିତ ତଥ୍ୟ ସମ୍ବଳିତ 'Turning 18' ଏବଂ 'You are the One' ଦୁଇଟି ଅଭିଯାନ ଆରମ୍ଭ କରିଛନ୍ତି । ଆଗାମୀ ସାଧାରଣ ନିର୍ବାଚନରେ ଯୁବବର୍ଗ ଯେଭଳି ଅଧିକରୁ ଅଧିକ ଅଂଶଗ୍ରହଣ କରିପାରିବେ ଏବଂ ଏଥିସହିତ ବିଗତ ନିର୍ବାଚନଗୁଡ଼ିକରେ ସହରାଞ୍ଚଳ ଓ ଯୁବବର୍ଗଙ୍କ ସମ୍ପର୍କିତ ବିଭିନ୍ନ ସମସ୍ୟାର ସମାଧାନ କରିବା ହେଉଛି 'Turning 18' ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଅନ୍ୟପକ୍ଷରେ 'You are the One' ଅଭିଯାନ ମାଧ୍ୟମରେ ନିର୍ବାଚନ ପ୍ରକ୍ରିୟାରେ ସାମିଲ୍ ହୋଇଥିବା ବିଭିନ୍ନ ପକ୍ଷଙ୍କର ଅବଦାନକୁ ଚିହ୍ନଟ କରିବା ସହିତ ଏହାର ପ୍ରସଂଶା କରିବା ହେଉଛି ନିର୍ବାଚନ ଆୟୋଗଙ୍କ ଉଦ୍ଦେଶ୍ୟ । ଏହାଛଡ଼ା ନିର୍ବାଚନ ପ୍ରକ୍ରିୟା ସମୟରେ ଭୁଲ୍ ତଥ୍ୟ ତଥା ମିଛ ସମ୍ବାଦର ପ୍ରସାରକୁ ରୋକିବା ଦିଗରେ ମଧ୍ୟ ନିର୍ବାଚନ ଆୟୋଗ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି ।

## ପି.ଏମ୍. ଭିଜିଟ୍ - ବିଦର୍ଭ

ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ମହାରାଷ୍ଟ୍ର ଗସ୍ତ କରି କେତେକ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିବେ । ଏହି ଅବସରରେ ଶ୍ରୀ ମୋଦି ଚନ୍ଦ୍ରପୁର ଲୋକସଭା ଆସନରେ ଦଳପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରାଜ୍ୟ ଜଙ୍ଗଲ ବିଭାଗ ମନ୍ତ୍ରୀ ସୁଧୀର ମୁଙ୍ଗନ୍ତିୱାର ଏବଂ ଗଡ଼୍‌ଚିରୋଲି ଆସନରୁ

ନିର୍ବାଚନ ଲଢୁଥିବା ବର୍ତ୍ତମାନର ସାଂସଦ ଅଶୋକ ନେତେଙ୍କ ଲାଗି ପ୍ରଚାର କରିବେ । ଏହି ଅବସରରେ ମୋରୱା ବିମାନ ବନ୍ଦର ପଡ଼ିଆଠାରେ ଆୟୋଜିତ ହେବାକୁ ଥିବା ଏକ ଜନସମାବେଶରେ ଶ୍ରୀ ମୋଦି ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ରାଜ୍ୟ ବି.ଜେ.ପି.ର ବରିଷ୍ଠ ନେତୃବୃନ୍ଦଙ୍କ ସମେତ ମହାରାଷ୍ଟ୍ରରେ ମହାୟୁତି ମେଣ୍ଟର ନେତାମାନେ ମଧ୍ୟ ଉପସ୍ଥିତ ରହିବେ ।

ଅନ୍ୟପକ୍ଷରେ ଆସନ୍ତା ୧୦ ତାରିଖ ଦିନ ଶ୍ରୀ ମୋଦି ରାମ୍‌ଟେକ୍ ଲୋକସଭା ଆସନରୁ ମହାୟୁତି ପ୍ରାର୍ଥୀ ରାଜୁ ପାର୍ୱେଙ୍କ ସପକ୍ଷରେ କାହ୍ନନ୍‌ଠାରେ ପ୍ରଚାର କରିବେ ।

ଚଳିତ ମାସ ୧୯ ତାରିଖ ଦିନ ପୂର୍ବାଞ୍ଚଳ ବିଦର୍ଭର ନାଗପୁର, ରାମଟେକ୍, ହାନ୍ଦ୍ରାପୁର, ଗଡ଼୍‌ଚିରୋଲି-ଚିମୁର ଏବଂ ଭାନ୍ଦରା-ଗୁଣ୍ଡିଆ ନିର୍ବାଚନ ମଣ୍ଡଳିରେ ମତଦାନ ଅନୁଷ୍ଠିତ ହେବ ।

## ବି.ଜେ.ପି. - ଜେ.ପି. ନଡ୍ଡା

ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି, ବି.ଜେ.ପି. ନେତୃତ୍ୱାଧୀନ ଏନ୍.ଡି.ଏ. ସରକାର ଦେଶର ବହୁ ପୁରାତନ ତାମିଲ୍ ଭାଷାର ସୁରକ୍ଷା ଦିଗରେ ସଦାସର୍ବଦା କାର୍ଯ୍ୟ କରିଆସିଛନ୍ତି । ଆଜି ତାମିଲନାଡୁ ଗସ୍ତ ଅବସରରେ ଚିଦାମ୍ବରମ୍‌ଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ

ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, ରାଜ୍ୟରେ କଂଗ୍ରେସ ଓ ଡି.ଏମ୍.କେ. ମେଣ୍ଟ ସରକାର ତାମିଲ୍‌ନାଡୁର ସାଂସ୍କୃତିକ ଐତିହ୍ୟକୁ ଦୁର୍ବଳ କରି ଜନସାଧାରଣଙ୍କ ସହିତ ବିଶ୍ୱାସଘାତକତା କରିଛନ୍ତି । ଅନ୍ୟପକ୍ଷରେ କୋଭିଡ୍ ନାଇଣ୍ଟିନ୍ ମହାମାରୀ ପରବର୍ତ୍ତୀ ଅବସ୍ଥାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍.ଡି.ଏ. ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଲାଗି ଭାରତୀୟ ଅର୍ଥବ୍ୟବସ୍ଥା ଆଜି ବଶ୍ୱର ପଞ୍ଚମ ସ୍ଥାନରେ ପହଞ୍ଚିପାରିଛି ବୋଲି ସେ କହିଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, ବର୍ତ୍ତମାନ ଭାରତ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ରର ବି.ଜେ.ପି. ସରକାର ଦେଶର ସାମଗ୍ରିକ ବିକାଶ ସାଧନ କରିବା ସହିତ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି । ରାଜ୍ୟରେ ଥିବା କଂଗ୍ରେସ ଓ ଡି.ଏମ୍.କେ. ମେଣ୍ଟ ସରକାରକୁ ସମାଲୋଚନା କରି ଶ୍ରୀ ନଡ୍ଡା କହିଛନ୍ତି, ଉଭୟ ଦଳ ଲୋକଙ୍କଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲେ । ତେବେ ରାଜ୍ୟର ବହୁବିଧ ବିକାଶ ପାଇଁ କେନ୍ଦ୍ର ସରକାର ଇତିମଧ୍ୟରେ କୋଟି କୋଟି ଟଙ୍କାର ପାଣ୍ଠି ଯୋଗାଇ ଦେଇଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି ।

## ବି.ଜେ.ପି. - କଂଗ୍ରେସ

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କର ଜମ୍ମୁ-କାଶ୍ମୀର ଏବଂ ୩୭୦ ଧାରା ଉଚ୍ଛେଦ ଉପରେ ମନ୍ତବ୍ୟକୁ ନେଇ ଭାରତୀୟ ଜନତା ପାର୍ଟି ପକ୍ଷରୁ

ତୀବ୍ର ସମାଲୋଚନା କରାଯାଇଛି । ଆଜି ନୂଆଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବି.ଜେ.ପି. ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି, ଏକ ଜାତୀୟ ଦଳ ହିସାବରେ ତିଷ୍ଠି ରହିବାର ନୈତିକ ଅଧିକାର କଂଗ୍ରେସ ଦଳ ହରାଇଛି । ଦେଶର ଏକତା ଓ ଅଖଣ୍ଡତାକୁ ନେଇ କଂଗ୍ରେସ ଦଳ କୋହଳ ମନୋଭାବ ପ୍ରଦର୍ଶନ କରୁଛି ବୋଲି ଶ୍ରୀ ତ୍ରିବେଦୀ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ଜମ୍ମୁ-କାଶ୍ମୀରକୁ ଭାରତରେ ସାମିଲ୍ କରାଇବା ଏବଂ ୩୭୦ ଧାରା ଉଚ୍ଛେଦ ଉପରେ କଂଗ୍ରେସ ଦଳର ପ୍ରଶ୍ନ ହିଁ ସେମାନଙ୍କର ମନୋଭାବକୁ ପ୍ରତିଫଳନ କରୁଛି ।

ଇଜ୍ରାଏଲ୍-ହମାସ ଯୁଦ୍ଧରେ ପାଲେଷ୍ଟାଇନ୍ ପ୍ରସଙ୍ଗରେ କେନ୍ଦ୍ର ସରକାର ନିଜର ଯୁକ୍ତି ଉପସ୍ଥାପନ କରିବା ସତ୍ତ୍ୱେ ମଧ୍ୟ କଂଗ୍ରେସ ଦଳ ପକ୍ଷରୁ ହମାସ ସପକ୍ଷରେ ଏକ ସଙ୍କଳ୍ପ ପାରିତ କରାଯାଇଥିଲା, ଯାହାକୁ ପ୍ରିୟଙ୍କା ଗାନ୍ଧି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ । ଏହାଛଡ଼ା ବରିଷ୍ଠ କଂଗ୍ରେସ ନେତା ସୋନିଆ ଗାନ୍ଧି ମଧ୍ୟ ଏହି ପ୍ରସଙ୍ଗରେ ବିଭିନ୍ନ ଗଣମାଧ୍ୟମରେ ସ୍ତମ୍ଭ ମାଧ୍ୟମରେ ନିଜର ମତାମତ ଦେଇଥିଲେ । ଏଥିସହ କେରଳରେ ହମାସ ସପକ୍ଷରେ ଏକ ର୍‍ୟାଲିର ମଧ୍ୟ ଆୟୋଜିତ କରାଯାଇଥିଲା । ତେଣୁ କଂଗ୍ରେସର ଏଭଳି ପଦକ୍ଷେପ ଦେଶର ହିତରେ କରାଯାଉ ନାହିଁ ବୋଲି ଶ୍ରୀ ତ୍ରିବେଦୀ ଅଭିଯୋଗ କରିଥିଲେ ।

# ଉତ୍ତରାଖଣ୍ଡ - ଘରୱାଲ୍ କନ୍ଷ୍ଟିଚୁଏନ୍ସି

ଉତ୍ତରାଖଣ୍ଡରେ ୫ଟିଯାକ ଲୋକସଭା ଆସନ ଲାଗି ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତା ୧୯ ତାରିଖ ଦିନ ମତଦାନ ଅନୁଷ୍ଠିତ ହେବ । ଏଥିରେ ରାଜ୍ୟର ୮୩ ଲକ୍ଷ ୩୭ ହଜାର ୯୧୪ ଜଣ ମତଦାତା ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୫୫ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ । ଆମ ସମ୍ବାଦଦାତା ଜଣାଇଛନ୍ତି, ରାଜ୍ୟର ଘରୱାଲ୍ ଲୋକସଭା ଆସନଟି ବର୍ତ୍ତମାନ ନିର୍ବାଚନର କେନ୍ଦ୍ରବିନ୍ଦୁ ହୋଇଛି । ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୩ ଜଣ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବି.ଜେ.ପି.ର ଅନିଲ୍ ବାଲୁନି, କଂଗ୍ରେସର ଗଣେଶ ଗୋଡ଼ିୟାଲ୍, ବି.ଏସ୍.ପି.ର ଧୀର ସିଂହ, ଉତ୍ତରାଖଣ୍ଡ କ୍ରାନ୍ତି ଦଳର ଆଶୁତୋଷ ନେଗୀ ଅନ୍ତର୍ଭୁକ୍ତ । ଏଥିସହିତ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ଏହି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ମୋଟ ୧୩ ଲକ୍ଷ ୬୯ ହଜାର ୩୮୮ ମତଦାତା ଏହି ଅବସରରେ ନିଜର ମତାଧିକାର ସାବ୍ୟସ୍ତ କରିବେ । ସେଥିମଧ୍ୟରେ ୩ ଲକ୍ଷ ୩ ହଜାର ୮୦ ଜଣ ଭୋଟର୍ ପ୍ରଥମ ଥର ଲାଗି ମତଦାନ କରିବେ । ଭୋଟର୍‌ମାନେ ଯେଭଳି ସୁରୁଖୁରୁରେ ନିଜର ମତାଧିକାର ସାବ୍ୟସ୍ତ କରିପାରିବେ, ସେଥିଲାଗି ୨ ହଜାର ୩୫୭ଟି ମତଦାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ୨୦୧୯ ମସିହାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ତିରଥ ସିଂହ ରାୱତ ଏହି ଆସନରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ସେ ତାଙ୍କ

ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ମନୀଷ ଖାଣ୍ଡୋଲିଙ୍କୁ ୩ ଲକ୍ଷ ୨ ହଜାର ୬୬୯ ଭୋଟ୍‌ରେ ପରାସ୍ତ କରିଥିଲେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆମର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆସନ୍ତାକାଲି ରାତି ୯ଟା ୩୦ମିନିଟ୍‌ରେ ପ୍ରସାରଣ କରାଯିବ । ଏହାର ବିଷୟବସ୍ତୁ ରହିଛି, 'ସାଧାରଣ ଜନତାଙ୍କ ଲାଗି ଉପଲବ୍ଧ ପେନ୍‌ସନ ବ୍ୟବସ୍ଥା' । ଅର୍ଥନୀତି ବିଶାରଦ ବଲ୍‌ୱନ୍ତ ଜୈନ ଓ ଶରଦ କୋହଲି ବିଶେଷଜ୍ଞ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୋତାମାନଙ୍କର ଏ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ନିଜର ପ୍ରଶ୍ନ ପଚାରିବା ଲାଗି **011 - 23421050** ଓ **011 - 23314444** ନମ୍ବରକୁ ଡାଏଲ କରିବାକୁ ହେବ । ଏହାବ୍ୟତୀତ ସେମାନେ 92890-94044 ନମ୍ବରକୁ ହ୍ୱାଟ୍ସଆପ୍ ମେସେଜ୍ କରି ପ୍ରଶ୍ନ ପଚାରିପାରିବେ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇପାରିବ । ଏହା ବ୍ୟତୀତ ନ୍ୟୁଜ୍ ଅନ୍ ଏୟାର ଡଟ୍ ଜି.ଓ.ଭି. ଡଟ୍ ଇନ୍ ଓ ନ୍ୟୁଜ୍ ଅନ୍ ଏୟାର ଅଫିସିଆଲରେ ଏହା ଉପଲବ୍ଧ ହେବ ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମ୍‌ଠାରେ ମୁମ୍ବାଇ ଇଣ୍ଡିଆନ୍‌ସ ଦିଲ୍ଲୀ କ୍ୟାପିଟାଲ୍‌କୁ ୫ ୱିକେଟ୍‌ରେ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ୱିକେଟ୍ ହରାଇ ୨୩୪ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରୋହିତ ଶର୍ମା ୨୭ଟି ବଲ୍‌ରୁ ସର୍ବାଧିକ ୪୯ ରନ୍ କରିଥିବାବେଳେ ଟିମ୍ ଡେଭିଡ୍ ୨୧ଟି ବଲ୍‌ରୁ ୪୫ ରନ୍ ଏବଂ ଇଶାନ୍ କିଷନ୍ ୨୩ଟି ବଲ୍‌ରୁ ୪୨ ରନ୍ ସଂଗ୍ରହ କରିଥିଲେ । ସେହିଭଳି ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଓ ରୋମାନିଓ ସିଫର୍ଡ଼ ପ୍ରତ୍ୟେକ ୩୯ ରନ୍ ଲେଖାଏଁ କରିଥିଲେ ।

ଦିଲ୍ଲୀ କ୍ୟାପିଟାଲ୍‌ସ ପକ୍ଷରୁ ଅକ୍ସର ପଟେଲ୍ ଓ ଆନ୍‌ରିଚ୍ ନୋଜେ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

୨୩୫ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରି ଦିଲ୍ଲୀ କ୍ୟାପିଟାଲ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୫ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ପୃଥ୍ୱୀ ଶ’ ୬୬ ରନ୍ ସଂଗ୍ରହ କରିଥିଲେ ।

ଆଉ କିଛି ସମୟ ପରେ ଲକ୍ଷ୍ନୌଠାରେ ଆଇ.ପି.ଏଲ୍.ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ଏଥିରେ ଗୁଜୁରାଟ୍ ଟାଇଟନ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପରସ୍ପରକୁ ଭେଟିବେ ।

## ହକି

ଭାରତ ଅଷ୍ଟ୍ରେଲିଆ ମଧ୍ୟରେ ଆଜି ପର୍ଥଠାରେ ଖେଳାଯାଇଥିବା ଦ୍ୱିତୀୟ ହକି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଦଳ ୪-୨ ଗୋଲ୍‌ରେ ବିଜୟୀ ହୋଇଛି । ୫ ମ୍ୟାଚ୍ ବିଶିଷ୍ଟ ହକି ଶୃଙ୍ଖଳାର ଆଜିର ମ୍ୟାଚ୍‌ରେ ଭାରତ ପକ୍ଷରୁ ଯୁଗରାଜ୍ ସିଂହ ଏବଂ ଅଧିନାୟକ ହର୍‌ମନ୍‌ପ୍ରୀତ ସିଂହ ଗୋଟିଏ ଲେଖାଏଁ ଗୋଲ୍ ସ୍କୋରେ କରିଥିଲେ । ସେହିଭଳି ଅଷ୍ଟ୍ରେଲିଆର ଜେରେନି ହେୱାର୍ଡ଼, ଜାକବ୍ ଆଣ୍ଡର୍ସନ ଏବଂ ନାଥାନ ଏଫ୍ରାୟୁନ୍‌ସ ଗୋଲ୍ ଦେଇଥିଲେ । ଆଗାମୀ ୧୦ ତାରିଖ ଦିନ ଏହି ଶୃଙ୍ଖଳାର ତୃତୀୟ ମ୍ୟାଚ୍ ପର୍ଥଠାରେ ଅନୁଷ୍ଠିତ ହେବ । ପ୍ରଥମ ମ୍ୟାଚ୍‌ଟିରେ ମଧ୍ୟ ଭାରତ ୧-୫ ଗୋଲ୍‌ରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା ।

*****